କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ

ବନାମ

ନିଖିଲ ଗୁଲଟି ଏବଂ ଅନ୍ୟଜଣେ

ଫେବୃଆରୀ 13,1998

[ଏମ୍. ଏମ୍. ପୁଞ୍ଛି, ପ୍ରଧାନ ବିଚାରପତି, ବି. ଏନ୍. କିରପାଲ ଏବଂ ଏମ୍. ଶ୍ରୀନିବାସନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିକ୍ଷା-- ଯୋଗ୍ୟ ଛାତ୍ରମାନଙ୍କ କ୍ଷେତ୍ରରେ-- ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପରୀକ୍ଷା କରିବା ପାଇଁ ଅନୁମତି-- ଏପରି ବିଚ୍ୟୁତିର-- ଏଭଳି ଅସ୍ୱାଭାବିକତାକୁ ଏକ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବା ଉଚିତ ନୁହେଁ- ନ୍ୟାୟାଳୟଙ୍କ ଦ୍ୱାରା ଏପରି ଅସମୀଚିନ ନିର୍ଦ୍ଦେଶ ପ୍ରକ୍ରିୟାର ଅପବ୍ୟବହାର ଅଟେ -- ଯେପର୍ଯ୍ୟନ୍ତ କୌଣସି ବୈଧ କାରଣ ନାହିଁ, ଉଚ୍ଚ ନ୍ୟାୟାଳୟ ଏପରି ଆଦେଶ ଦେବାରୁ ନିବୃତ୍ତ ରହିବା ଉଚିତ -- ନିର୍ଣ୍ଣୟ ହୋଇଛି, ଧାରା 136 ଅନୁଯାୟୀ କୌଣସି ହସ୍ତକ୍ଷେପ ପାଇଁ ନିବେଦନ କରାଯାଇ ନଥିଲା।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 18853/1997

4.9.97 ତାରିଖରେ, ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଡିବିସିଏସ୍ଏ 1181/1997 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି।

ଟି. ସି. ଶର୍ମା, ନୀଲମ ଶର୍ମା, ଶ୍ରୀ ଅଜୟ ଶର୍ମା ଏବଂ ଶ୍ରୀ ରୁପେଶ କୁମାର ଆବେଦନକାରୀଙ୍କ ପାଇଁ।

ଏସ୍. କେ. ଜୈନ ଏବଂ ଶ୍ରୀ ଏ. ପି. ଧମିଜା ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅନେକ ସମୟରେ ଅଯୋଗ୍ୟ ଛାତ୍ରମାନଙ୍କୁ ପରିଷଦ ଏବଂ/କିମ୍ବା ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେବାକୁ ଅନୁମତି ଦିଆଯାଉଥିବାର ବିଚ୍ୟୁତତା ଏହି ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିଛି । ଏଥି ସହିତ, ନ୍ୟାୟାଳୟଗୁଡିକ ପ୍ରାୟ ସର୍ବଦା ମତ ଦେଇଛନ୍ତି ଯେ ଏହିପରି ବିଚ୍ୟୁତିକୁ ଭବିଷ୍ୟତରେ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ । ନ୍ୟାୟାଳୟ ଦ୍ୱାରା ଏପରି ମନମୁଖୀ ନିଷ୍ପତ୍ତି ପ୍ରକ୍ରିୟାର ଅପବ୍ୟବହାର ବ୍ୟତୀତ ଆଉ କିଛି ନୁହେଁ; ବିଶେଷ କରି ଯେତେବେଳେ ଉଚ୍ଚ ନ୍ୟାୟାଳୟ ନିଜ ସ୍ତରରେ ନିଜେ ସଚେତନ ହୁଅନ୍ତି ଯେ ଏହି ନିର୍ଣ୍ଣୟ ଭୁଲ ଥିଲା ଏବଂ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ପୁନରାବୃତ୍ତି କରିବା ଯୋଗ୍ୟ ନୁହେଁ । ଏବଂ ଏହା ବାରମ୍ବାର ପୁନରାବୃତ୍ତି ହୋଇଛି । ଏହା କହିବା ପରେ, ଆମେ ଆଶା ଏବଂ ବିଶ୍ୱାସ କରୁଛୁ ଯେ ଯେପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟ ନୀତିଗତ ଏବଂ ଆଜ୍ଞାପତ୍ର ଉପରେ ଏହାର ନିର୍ଣ୍ଣୟକୁ ଯଥାର୍ଥ ସାବ୍ୟସ୍ତ କରି ନାହାନ୍ତି, ତେବେ ଏହା 'ଆଇନର ଶାସନ' କୁ ପରିହାସ କରିବା ଏବଂ 'ମନୁଷ୍ୟର ଶାସନ' କୁ ପ୍ରୋତ୍ସାହିତ କରିବା ପାଇଁ ଏହିପରି ଆଦେଶ ପାରିତ କରିବା ଠାରୁ ଦୂରେଇ ରହିବା ଉଚିତ ହେବ।

ଏହା ସତ୍ତ୍ୱେ, ଛାତ୍ରଛାତ୍ରୀମାନଙ୍କ ମନରେ ଆଶାର କିରଣ ଉଜ୍ଜୀବିତ ହୋଇଥିଲା । ତେଣୁ ଆମେ ସମ୍ବିଧାନର ଧାରା 136 ଅନୁଯାୟୀ ହସ୍ତକ୍ଷେପ କରିବାକୁ ମନା କରୁଛୁ।

ସେହି ଅନୁଯାୟୀ, ଏସ.ଏଲ.ପି. ଗୁଡିକୁ ଖାରଜ କରାଗଲା ।

ଟି. ଏନ୍. ଏ. ଆବେଦନଗୁଡ଼ିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।